# Akashvani, Sambalpur

## SAMBALPURI NEWS EVENING BULLETIN

**23 March 2024- 7.02 pm- 7.12 pm.**

*********************************************

୧- ଦେଶ୍‌କେ ଯକ୍ଷ୍ମାମୁକ୍ତ କର୍‌ବାର୍ ଲାଗି ମିଶିକରି କାମ୍ କର୍‌ବାର୍‌କେ ପରାମର୍ଶ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

୨- ଶକ୍ତି ସଂଚୟ କର୍‌ବାର୍ ଲାଗି ଆଏଜ୍ ରାତି ସାଢ଼େ ୮ ବଜେନୁ ଘଂଟେ ଲାଗି ପାଳନ୍ କରାଯିବା ଆର୍ଥ ଆୱାର୍ ।

୩- ମହାନ୍ ସ୍ୱାଧୀନତା ସଂଗ୍ରାମୀ ଭଗତ୍ ସିଂ, ସୁଖ୍‌ଦେବ୍, ରାଜ୍‌ଗୁରୁଙ୍କର୍ ବଳିଦାନ୍ ଦିବସ୍‌ଥି ଦେଶ୍‌ବାସୀ ଦେଲେ ଶ୍ରଦ୍ଧାଞ୍ଜଳି ।

ଆଉର୍

୪- ପାଣିପାଗ ଆଉ ଜଳବାୟୁ ପରିବର୍ତନ୍ ବାବ୍‌ଦେ ସଚେତନତା ସୃଷ୍ଟି ଲାଗି ଆଏଜ୍ ସାରା ପୁର୍‌ଥି ନ ପାଳନ୍ କରାଯାଉଛେ ପାଣିପାଗ୍ ଦିବସ୍ ।

ରାଷ୍ଟ୍ରପତି- ଯକ୍ଷ୍ମାମୁକ୍ତ ଭାରତ୍        ଆର୍ଏନ୍ୟୁ/ କଟକ୍

ଦେଶ୍‌କେ ଯକ୍ଷ୍ମାମୁକ୍ତ କର୍‌ବାର୍ ଲାଗି ସମସ୍ତଙ୍କୁ ମିଶିକରି କାମ୍ କର୍‌ବାର୍‌କେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ୍ ଦେଇଛନ୍ । ଆଏବାକାଏଲ୍ ମାର୍ଚ୍ଚ ୨୪ ତାରିଖ୍‌କେ ବିଶ୍ୱ ଯକ୍ଷ୍ମା ଦିବସ୍ ଭାବେ ପାଲନ୍ କରାଯାଉଥିବାର୍ ବିଷେଥି ରାଷ୍ଟ୍ରପତି ଇଟା କହିଛନ୍ । ପୁର୍‌ଥି ନ ଯକ୍ଷ୍ମା ରୋଗ୍‌ର ପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍, ଇ ରୋଗ୍‌କେ ଆଏତ୍ କର୍‌ବାର୍‌ଥି ଆହ୍ୱାନ୍ ସୃଷ୍ଟି କର୍‌ବାର୍ ଆର୍ ଇତାର୍ ମୁକାବିଲାର୍ ଲାଗି ଉଦ୍ୟମ୍‌କେ ତହଁକାବାର୍‌ଟା ବିଶ୍ୱ ଯକ୍ଷ୍ମାମୁକ୍ତ ଦିବସ୍‌ର ଲକ୍ଷ୍ୟ ବଲି ସେ କହିଛନ୍ ।

ଆର୍ଥ ଆୱାର୍ ଡେ        ଆର୍ଏନ୍ୟୁ/ କଟକ୍

ଶକ୍ତି ସଂଚୟ କର୍‌ବାର୍ ଲାଗି ପ୍ରତିଶ୍ରୁତିବଦ୍ଧ ହେବାର୍‌କେ ଆଏଜ୍ ସାରା ପୁର୍‌ଥି ନ ରାତି ସାଢ଼େ ୮ ବଜେନୁ ସାଢ଼େ ୯ ବଜେ ଭିତ୍‌ରେ ଆର୍ଥ ଆୱାର୍ ପାଲନ୍ କରାଯିବା । ୱାର୍ଲ୍ଡ ୱାଇଡ୍ ଫଣ୍ଡ ଫର୍ ନେଚର୍ ସଂସ୍ଥା ତର୍‌ଫୁ ୨୦୦୭ ମସିହାନୁ ମୁଲ୍ କରାଯାଇଥିବାର୍ ଇ ଅଭିଯାନ୍‌ଥି ଇହାଦେତକ୍ ଶହେ ୮୦ ନୁ ଅଏତ୍‌କା ଦେଶ୍ ଆର୍ଥ ଆୱାର୍ ଡେଥି ସାମିଲ୍ ହେଇଛନ୍ । ୧ ଘଂଟା ଲାଗି ବିଦ୍ୟୁତ୍ ବେଭାର୍ ବନ୍ଦ୍ କରିକରି ଶକ୍ତି ସଂଚ୍‌ବାର୍ ଆର୍ ଇ ଅଭିନବ ଉପେକେ ଆର୍ଥ ଆୱାର୍ ଡେ କୁହାଯାଉଛେ ।

ସୂଚ୍ନା ଅନ୍ସାରେ ଗଲାବଛ୍ରେ ଶହେ ୮୮ ନୁ ଅଏତ୍କା ଦେଶ୍ର ଶହେ ୯୦ ନିୟୁତ ନୁ ଅଏତ୍କା ଲୋକ୍ ଆର୍ଥ ଆୱାର୍ ଡେ ପାଲନ୍ କରିଥିଲେ । ଆର୍ଥ ଆୱାର୍ ଡେ ଅବ୍ସରେ ଘର୍, ଦୁକାନ୍, କାର୍ଯ୍ୟାଲୟ ନ ଆଏଜ୍ ଘଂଟେ ଲାଗି ବିଦ୍ୟୁତ୍ ବେଭାର୍ ବନ୍ଦ୍ କର୍ବାର୍କେ ସଂସ୍ଥା ତର୍ଫୁ ନିବେଦନ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆର୍ଥ ଆୱାର୍ ପାଲନ୍ କର୍ବାର୍କେ ରାଜ୍ୟବାସୀଙ୍କୁ ନିବେଦନ୍ କରିଛନ୍ । ବିଦ୍ୟୁତ୍ ସଂରକ୍ଷଣ୍ ଆର୍ ଗୁଟେ ସ୍ଥାୟୀ ପୁର୍ଥିର୍ ଲାଗି ତାପାୟନ କମାବାର୍କେ ଇ ସଂଗଠିତ୍ ପଦକ୍ଷେପ୍ ନେବାର୍ ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ବଳିଦାନ୍ ଦିବସ୍ ଆର୍ଏନ୍ୟୁ / ସମ୍ବଲପୁର

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଭଗତ୍ ସିଂ, ସୁଖଦେବ୍ ଥାପର୍ ଆର୍ ରାଜ୍ଗୁରୁଙ୍କର୍ ବଳିଦାନ୍ ଦିବସ୍ । ଇଂରେଜ୍ ସର୍କାର୍ ଆଜିର୍ ଦିନେ ୧୯୩୧ ମସିହାଥି ଇ ତିନ୍ହି ମହାନ୍ ଯୋଦ୍ଧାଙ୍କୁ ଫାଶୀ ଦେଇଥିଲେ । ସେମାନ୍କର୍ ଦେଶ୍ପ୍ରେମ୍ ଆଉ ବଳିଦାନ୍କେ ସ୍ମରଣ୍ କର୍ବାର୍ ଲାଗି ଦେଶେ ଆଏଜ୍ ଶହୀଦ୍ ଦିବସ୍ ପାଲନ୍ କରାଯାଉଛେ ।

ଶହୀଦ୍ ଦିବସ୍ ଅବ୍ସରେ ରାଜ୍ୟପାଲ୍ ରଘୁବର୍ ଦାସ ଇ ମହାନ୍ ତିନ୍ହି ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ମାତୃଭୂମିର୍

ରକ୍ଷାର୍ ଲାଗି ସର୍ବସ୍ୱ ବଳିଦାନ୍ ଦେଇଥିବାର୍ ଇ ବରପୁତ୍ରମାନ୍‌କର୍ ଅଦମ୍ୟ ସାହସ୍, ଦେଶଭକ୍ତି ଆର୍ ବଳିଦାନ୍ ଦେଶ୍‌ବାସୀଙ୍କୁ ପ୍ରେରଣା ଯୁଗଉଥିବା ବଲି ରାଜ୍ୟପାଲ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ।

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ତାଁକର୍ ବାର୍ତାଥି କହିଛନ୍ ଯେ, ଭଗତ୍ ସିଂ, ସୁଖ୍‌ଦେବ୍, ରାଜ୍‌ଗୁରୁଙ୍କର୍ ସାହସ୍, ନିଷ୍ଠା ଆଉ ନିସ୍ୱାର୍ଥପର ବଳିଦାନ୍ ପିଢ଼ିପିଢ଼ିକେ ପ୍ରେରଣା ଯୁଗାବା ।

ସମ୍ବଲ୍‌ପୁର୍‌ର ଗୋଲ୍‌ବଜାର୍‌ଛକ୍‌ଠାନେ ଥିବାର୍ ଇ ତିନ୍‌ହି ସ୍ୱାଧୀନତା ସଂଗ୍ରାମୀଙ୍କର୍ ପ୍ରତିମୂର୍ତିଥି ଆଏଜ୍ ସଖାଲେ ସମାଜ୍‌ର ଭିନ୍ ଭିନ୍ ବର୍ଗର୍ ଲୋକ୍ ଆର୍ ଛାତ୍ରଛାତ୍ରୀମାନେ ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ବେଙ୍କ ଖୁଲା ଆର୍‌ଏନ୍‌ୟୁ/ କଟକ୍

ଇ ଆର୍ଥିକ୍ ବଛ୍‌ରର୍ ଶେଷ୍ ଦୁଇ ଦିନ ୩୦ ଆଉ ୩୧ ତାରିଖ୍ ଦିନ ଭାରତୀୟ ରିଜର୍ଭ ବେଙ୍କ୍ କାର୍ଯ୍ୟାଲୟମାନ୍ ଖୁଲା ରହେବା । ଇ ଦୁହି ଦିନ୍ ଶନିବାର୍ ଆର୍ ରଏବାର୍ ଥିଲେ ଭିଲ୍ ସର୍‌କାରୀ ଦେୟ ଆଉ ପୈଠକେ ସୁବିଧାଜନକ୍ କର୍‌ବାର୍ ଲାଗି ରିଜର୍ଭ ବେଙ୍କ୍ ତର୍‌ଫୁ ଇ ପଦକ୍ଷେପ୍ ନିଆଯାଇଛେ । ସେନ୍ତା ଇ ମାସର୍ ଶେଷ୍ ଦିନ ଦେଶର୍ ସବୁ ବେଙ୍କ୍ ଖୁଲା ରହେବା ବଲି ଆଗ୍‌ରୁ ରିଜର୍ଭ ବେଙ୍କ୍ କହିଛେ ।

ପର୍ଯ୍ୟଟନ୍      ଆର୍ଏନ୍ୟୁ/ କଟକ୍

ରାଏଜେ ପରିବେଶ୍ ପର୍ଯ୍ୟଟନ୍‌କେ ଜବର୍ କର୍‌ବାର୍ ଲାଗି କେନ୍ଦ୍ର ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍ ଯୋଜ୍‌ନା ତୟାର୍ କରୁଥିବାର୍ ଜନାପଡ଼ିଛେ । ମିଲିଥିବାର୍ ସୂଚ୍‌ନା ଅନ୍‌ସାରେ କୋରାପୁଟ୍ ଜିଲ୍ଲାର୍ ଦେଓମାଲି ପାହାଡ଼୍, କଲାହାଣ୍ଡିର ଜାକାମ୍, ବୌଦ୍ଧ ଜିଲ୍ଲାର୍ କୁଲିରୀଗୁଡ଼୍, ନୟାଗଡ଼୍‌ର ସିଦ୍ଧମୂଳା, ଗଜପତିର ମହେନ୍ଦ୍ରଗିରି ନ ପରିବେଶ୍ ପର୍ଯ୍ୟଟନ୍‌ର ବିକାଶ୍ ଲାଗି କେନ୍ଦ୍ର ସର୍‌କାର୍ ଯୋଜ୍‌ନା କରୁଛନ୍ । ରାଏଜେ ଇହାଦେ ୨୦ ଟା ଜିଲ୍ଲାର୍ ୫୦ ଟା ପରିବେଶ୍ ପର୍ଯ୍ୟଟନ୍‌ସ୍ଥଲ୍‌ର ଉନ୍ନତି କରାଯାଇଛେ ।

ସୁବର୍ଣ୍ଣପୁର୍ ନିର୍ବାଚନ୍ ମଣ୍ଡଲୀ      ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ୫ ନମ୍ବର୍ ଖେପେ ଆଏବା ମେ ମାସର୍ ୨୦ ତାରିଖ୍ ଦିନ ଭୋଟ୍ ନିଆଯିବା । ୫ ନମ୍ବର୍ ଖେପେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍ ଆର୍ ସୋନ୍‌ପୁର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ସହେତେ ବଲାଙ୍ଗିର୍ ସଂସଦୀୟ କ୍ଷେତ୍ର ଇ ଦୁହି ନିର୍ବାଚନ୍ ମଣ୍ଡଲୀ ଲାଗି ଶାନ୍ତିଶୃଙ୍ଖଲା ସହେତେ ମତଦାନ୍ କର୍‌ବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାରର୍

ପଦକ୍ଷେପ୍ ନିଆଯାଉଛେ ।  ଜିଲ୍ଲାପାଲ୍ ଅନ୍ୟା ଦାସ କହିଛନ୍ ଯେ,

(ଭଏସ୍ ଓଭର୍- ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍)

ଭୋଟ୍ ତୟାରି ବାବ୍ଦେ ଆମର୍ ସୁବର୍ଣ୍ଣପୁର୍ ପ୍ରତିନିଧି ବେଣୁଧର୍ ପ୍ରଧାନ୍ଙ୍କର୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ସୁବର୍ଣ୍ଣପୁର୍ ସମ୍ବାଦଦାତା)

ରିଟର୍ଣ୍ଣିଂ ଅଧିକାରୀ ପ୍ରଶିକ୍ଷଣ୍-ବର୍ଗଡ଼୍          ବର୍ଗଡ଼୍ ସମ୍ବାଦଦାତା

ବର୍ଗଡ଼୍ ଜିଲ୍ଲା ନ ସାଧାରଣ ନିର୍ବାଚନ୍‌କେ ଶୃଙ୍ଖଲିତ୍, ନିର୍ଭୁଲ୍ ଆର୍ ନିରପେକ୍ଷ କର୍ବାର୍ ବାବ୍ଦେ ଆଏଜ୍ ଜିଲ୍ଲା ସମ୍ମିଳନୀ କକ୍ଷ ଠାନେ ରିଟର୍ଣ୍ଣିଂ ଆଉ ଅଲ୍ଗା ଅଧିକାରୀ ମାନ୍‌କର୍ ଲାଗି ଗୁଟେ ପ୍ରଶିକ୍ଷଣ ଶିବିର କରାଯାଇଥିଲା । ଇଥି ନାମାଙ୍କନ୍ ପତ୍ର ଦାଖଲ୍, ପ୍ରତ୍ୟହାର୍, ଯାଂଚ୍, ଚିହ୍ନା ବାଂଟ୍‌ବାର୍, ଡାକ ବେଲଟ୍, ଭୋଟ୍ ସୁବିଧା କେନ୍ଦ୍ର ଆଉ ଇଭିଏମ୍ ପରିଚାଳନା ବାବ୍ଦେ ପ୍ରଶିକ୍ଷଣ୍ ଦିଆଯାଇଥିଲା । ଜିଲ୍ଲାପାଲ୍ ଆଉ ବର୍ଗଡ଼୍ ଲୋକ୍‌ସଭା କ୍ଷେତ୍ରର୍ ରିଟର୍ଣ୍ଣିଂ ଅଧିକାରୀ ଆଦିତ୍ୟ ଗୋୟେଲ୍ ଆର୍ ପଦମ୍‌ପୁର୍, ବିଜେପୁର୍, ବର୍ଗଡ଼୍, ଅତାବିରା, ଭଟ୍‌ଲି ବିଧାନ୍‌ସଭା ଆସନ୍‌ର ରିଟର୍ଣ୍ଣିଂ ଅଧିକାରୀମାନେ ଶିବିର୍‌ଥି ସାମିଲ୍ ହେଇଥିଲେ ।

ନାଁଲେଖା      ଆର୍‌ଏନ୍‌ୟୁ/ କଟକ୍

ଶିକ୍ଷା ଅଧିକାର୍ ଆଇନ୍ ଅନ୍‌ସାରେ ଆର୍ଥିକ୍ ଅନଗ୍ରସର ଶ୍ରେଣୀର ଛୁଆମାନ୍‌କୁ ବେସର୍‌କାରୀ ସ୍କୁଲ୍‌ମାନ୍‌କେ ମାହାଲିଆ ଶିକ୍ଷା ଦେବାର୍  କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ୧୭ ହଜାର୍ ୨ ଶହ ୩୫ ଝନ୍ ଛାତ୍ରଛାତ୍ରୀ ପହେଲା ଖେପେ ନାଁଲେଖାବାର୍ ଲାଗି ଯୋଗ୍ୟ ବିବେଚିତ ହେଇଛନ୍ । ଗଣଶିକ୍ଷା ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଇ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନେ ଇ ମାସର୍ ୨୭ ତାରିଖ୍‌ନୁ ଆଏବା ଏପ୍ରିଲ୍ ମାସର୍ ୬ ତାରିଖ୍ ଭିତ୍‌ରେ ଘରୋଇ ସ୍କୁଲ୍ ମାନ୍‌କେ ନାଁ ଲେଖେଇପାର୍‌ବେ । ରାଜ୍ୟର୍ ୩ ହଜାର୍ ୩ ଶହ ୩୧ ଟା ଘରୋଇ ସ୍କୁଲ୍ ନ ଆର୍ଥିକ୍ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀ ମାନ୍‌କର୍ ଲାଗି ସବୁ ମିଶିକରି ୪୧ ହଜାର୍ ୩ ଶହ ୩୩ ଟା ସିଟ୍ ସଂରକ୍ଷିତ ରଖାଯାଇଛେ । ହେଲେ ନାଁ ଲେଖାବାର୍ ଲାଗି ୩୦ ହଜାର୍ ୪ ଶହ ୨୩ ଝନ୍ ଛାତ୍ରଛାତ୍ରୀ ଅନ୍‌ଲାଇନ୍‌ଥି ଆବେଦନ୍ କରିଥିଲେ ।

ଝାଡ଼ାବାନ୍ତି- ହୀରାକୁଦ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ମହାନଗର୍‌ର ହୀରାକୁଦ୍ ସହରର୍ କେତେଟା ଜାଗା ନ ଚାପିଥିବାର୍ ଝାଡ଼ାବାନ୍ତିର ଚିକିତ୍ସା ବାବ୍‌ଦେ ଆଏଜ୍

ପ୍ରଶାସନିକ୍ ସ୍ତର୍ ନ ଅନୁଧାନ୍ କରାଯାଇଛେ । ଉତରାଂଚଲ୍ ରାଜସ୍ୱ କମିଶନର୍ ଶ୍ରୀକାନ୍ତ ପୃଷ୍ଟି ଆର ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ ହୀରାକୁଦ୍ ଠାନେ ପୁହୁଁଚିକରି ଭିନ୍ ଭିନ୍ ବସ୍ତି ବୁଲିଥିଲେ ଆଉ ଡାକ୍ତର୍‌ଖାନା ନ ଆକ୍ରାନ୍ତ ଆଉ ଚିକିସ୍ଛା କରୁଥିବା ଡାକ୍ତର୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଡାକ୍ତର୍‌ଖାନା ନ ଦର୍‌କାରୀ ଉଷୋ ମହଜୁଦ୍ ରଖ୍‌ବାର୍ ଲାଗି ଆର୍‌ଡିସି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଥିଲେ । ଯେନ୍ ଆକ୍ରାନ୍ତ ମାନେ ଚିକିସ୍ଛା ଲାଗି ଆସିଥିଲେ, ସେମାନେ ଭଲ୍ ହେଇକରି ଘର୍‌କେ ଫିରିଛନ୍ ଆର୍ ଡର୍‌ବାର୍ କେନ୍‌ସି କାରଣ୍ ନାଇଁନ ବଲି ଭିଲ୍ ସେ କହିଛନ୍ । ପାଏନ୍ ଯୁଗାବାର୍ ଆଗ୍‌ରୁ ନମୁନା ପରୀକ୍ଷା କରାଯିବା ବଲି ଜିଲ୍ଲାପାଲ୍ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ହୀରାକୁଦ୍ ସହରର୍ କେତେଟା ଜାଗା ନ ଝାଡ଼ାବାନ୍ତି ଦେଖାଦେବାର୍‌ନୁ ସ୍ୱାସ୍ଥ୍ୟ ବିଭାଗ୍‌ର ଡାକ୍ତରୀ ଟିମ୍ ଘର୍‌କେ ଘର୍ ବୁଲିକରି ସଫା ପାଏନ୍ ବେଭାର୍ କର୍‌ବାର୍ ଲାଗି ଲୋକ୍‌ମାନ୍‌କୁ ସଚେତନ୍ କରେଇଛନ୍ । ହେନ୍ତା କୁଆଁ ବାଗିର୍ ଜଲାଶୟ ନ ପକେଇକରି ପାଏନ୍‌କେ ସଫା କର୍‌ବାର୍‌କେ ବଟିକା ଭିଲ୍ ବଂଟାଯାଇଥିବାର୍ ଜନାପଡ଼ିଛେ ।

ବାଳାଶ୍ରମ ପରିଦର୍ଶନ୍ - ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ ଠାନେ ଥିବା ଖୁଲା ଆଶ୍ରୟ କେନ୍ଦ୍ର, କାରୁଣ୍ୟ ବାଲ୍ ନିକେତନ୍ ଆଉ ଉତ୍କଲ୍ ବାଲାଶ୍ରମ୍ ପରିଚାଳନା ବାବ୍‌ଦେ ଜିଲ୍ଲାସ୍ତରୀୟ ସମୀକ୍ଷା କରାଯାଇଛେ । ଇ ତିନ୍‌ହି ଅନୁଷ୍ଠାନ୍ ନ ଅନ୍ତେବାସୀମାନ୍‌କର୍ ଖାଏବାର୍, ପିଇବାର୍ ଆଉ ସ୍ୱଚ୍ଛତା ବାବ୍‌ଦେ ଅତିରିକ୍ତ ଜିଲ୍ଲାପାଲ୍ ସୁବାସ୍ ଚନ୍ଦ୍ର ରାଇତା ନିରୀକ୍ଷଣ୍ କରିଥିଲେ । ହେନ୍ତା ଛୁଆମାନ୍‌କର୍ ଯତ୍ନ ନେବାର୍ ସହେତେ ସେମାନ୍‌କର୍ ଶିକ୍ଷା ଆଉ ସ୍ୱାସ୍ଥ୍ୟ ଉପ୍‌ରେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ସେ ଅଧିକାରୀମାନ୍‌କୁ କହିଥିଲେ ।

ଦୋଳ ପୂର୍ଣ୍ଣିମା ଆର୍‌ଏନ୍‌ୟୁ/

ଫଗୁନ୍‌ପୁନିର୍ ଲାଗି ରାଜ୍ୟର୍ ସବୁ ସହର୍ ସହେତେ ଗାଁ ଚଲ୍‌ଚଂଚଲ୍ ହେଇଛେ । ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନ୍‌ଥି ଶୋଭାଯାତ୍ରା ନ ନଗର୍ ପରିକ୍ରମା କରାଯାଉଛେ । ଇ ଅବ୍‌ସରେ ଭିନ୍ ଭିନ୍ ଗାଁ ନ ଦୋଳମେଳନ ଅନୁଷ୍ଠିତ୍ ହେଉଛେ । ସମ୍ବଲ୍‌ପୁର୍ ଜିଲ୍ଲାର୍ ଗାଁ ମାନ୍‌କେ ପ୍ରହରୀ ନାମଯଜ୍ଞ ଚାଲିଛେ ।

ବିଶ୍ୱ ପାଣିପାଗ ଦିବସ ଆର୍‌ଏନ୍‌ୟୁ/ କଟକ୍

ମୁନୁଷ୍ ସମାଜ୍‌କେ ପାଣିପାଗ୍ ଆଉ ଜଲବାୟୁ ପରିବର୍ତନ୍ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ୧୯୬୧ ମସିହା ଉତ୍‌ରୁ ଫି ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ପାଣିପାଗ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ୧୯୫୦ ମସିହା ଆଝିର୍ ଦିନେ ସୁଇଜର୍‌ଲାଣ୍ଡ୍‌ର ଜେନେଭା ଠାନେ ବିଶ୍ୱ ପାଣିପାଗ୍ ବିଭାଗ୍ ଗଠନ୍ କରାଯାଇଥିଲା । ଇତାକେ ମନେ ରଖ୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଉଦ୍ଦେଶ ଆଏ ।

ପ୍ରାକୃତିକ ବିପର୍ଯ୍ୟୟ, ଜଲବାୟୁ ଗବେଷଣା, ବଢ଼ି, ବାତ୍ୟା, ଭୂମିକମ୍ପ, ବାୟୁମଣ୍ଡଲ୍‌ଥି ହେଉଥିବା ପରିବର୍ତନ୍ ବାଗିର୍ ବିଷେ ମାନ୍‌କର୍ ଉପ୍‌ରେ ବିଶ୍ୱ ପାଣିପାଗ୍ ସଂଗଠନ୍ ଲଗାଏତ୍ ଗବେଷଣା ଜାରି ରଖିଛେ । ଭିନ୍ ଭିନ୍ ଦେଶେ ପାଣିପାଗ୍ ଦିବସ୍ ପାଲନ୍ ଅବ୍‌ସରେ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବାର୍ ସହେତେ ବୈଜ୍ଞାନିକ୍‌ମାନେ ସେମାନ୍‌କର୍ ସୁଚିନ୍ତିତ୍ ବିଚାର୍‌ଧାରାକେ ଉପସ୍ଥାପନ୍ କର୍‌ସନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୪ ଦିନ୍‌ତକ୍ ଓଡ଼ିଶା ନ ଦିନ୍‌ବେଲର୍ ତାତି ୩ ଡିଗ୍ରୀନୁ ୫ ଡିଗ୍ରୀ ତକ୍ ବଢ଼୍‌ବା ବଲି ଭାରତୀୟ ପାଣିପାଗ୍ ବିଭାଗ୍‌ର ଆଂଚଲିକ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ରାଜ୍ୟର୍ ଜିଲ୍ଲାମାନ୍‌କେ ପାଗ୍ ଶୁଖିଲା ରହେବା । ଆଏଜ୍ ଦକ୍ଷିଣ

ଆଉ ଉତର୍ ଓଡ଼ିଶାର୍ କେତେଟା ଜିଲ୍ଲା ନ ତାତି ବଢ଼ିଥିବାର୍ ରେକର୍ଡ଼ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ହପ୍ତା ଧୁକାଗରେଲ୍ ଆଉ ବର୍ଷା ହେବାର୍‌ନୁ କିଛି ଦିନ୍ ତାତି ସ୍ୱାଭାବିକ୍‌ନୁ କମ୍ ଆଉ ଥଣ୍ଡା ରହିଥିଲା ।